# NATIONAL NEWS BULLETIN (ODIA)
## 07th September - 2025
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ସରିତା ସାହୁ**

## ମୁଖ୍ୟ ସମ୍ବାଦ

- ବନ୍ୟାସ୍ଥିତି ସମୀକ୍ଷା କରିବାପାଇଁ ଆସନ୍ତା ମଙ୍ଗଳବାର ଦିନ ପଞ୍ଜାବ ଗସ୍ତ କରିବେ ପ୍ରଧାନମନ୍ତ୍ରୀ ।
- ଅଷ୍ଟାଦଶ ଅନ୍ତର୍ଜାତୀୟ ଆର୍ଥ ସାଇନ୍ସ ଅଲିମ୍ପିଆଡ୍‌-୨୦୨୫ରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ସାଧାରଣ ଅଭିଯୋଗ ଓ ପେନ୍‌ସନ ରାଷ୍ଟ୍ରମନ୍ତ୍ରୀ ।
- ଜି.ଏସ୍‌.ଟି. ଟିକସ ହାର ହ୍ରାସ ଯୋଗୁଁ ଦେଶର ଏମ୍‌.ଏସ୍‌.ଏମ୍‌.ଇ. କ୍ଷେତ୍ରର ଚାହିଦା ବୃଦ୍ଧି ପାଇବା ସହ ଉପକୃତ ହେବେ କ୍ଷୁଦ୍ର ବ୍ୟବସାୟୀ ।
- ଦକ୍ଷିଣ କୋରିଆରେ ଅନୁଷ୍ଠିତ ବିଶ୍ୱ ତୀରଚାଳନା ପ୍ରତିଯୋଗିତାର ପୁରୁଷ ବର୍ଗରେ ଭାରତ ହାସଲ କଲା ପ୍ରଥମ ସ୍ୱର୍ଣ୍ଣପଦକ ।

ଏବଂ

- ଏସିଆ କପ୍ ହକି ଚମ୍ପିଆନ୍‌ସିପ୍‌ର ଫାଇନାଲ୍ ମ୍ୟାଚରେ ଆଉ କିଛି ସମୟ ପରେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ହେବ ମୁକାବିଲା ।

## ପଞ୍ଜାବ - ପି.ଏମ୍. ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ୟାସ୍ଥିତି ସମୀକ୍ଷା କରିବା ପାଇଁ ଆସନ୍ତା ମଙ୍ଗଳବାର ଦିନ ପଞ୍ଜାବ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତ ଲୋକଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବେ ବୋଲି ଆଶା କରାଯାଉଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପଞ୍ଜାବ ବି.ଜେ.ପି. ସଭାପତି ସୁରେଶ ଝାକର’ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ବନ୍ୟା ପରିସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ଅହରହ ପଚାରି ବୁଝିବା ସହ ଚିନ୍ତା ପ୍ରକଟ କରିଛନ୍ତି । ପଞ୍ଜାବ ଲୋକମାନଙ୍କ ସହ କେନ୍ଦ୍ର ସରକାର ଛିଡ଼ା ହୋଇଛନ୍ତି ବୋଲି ଶ୍ରୀ ଝାକର କହିଛନ୍ତି । ଆମ ଜଳନ୍ଧର ସମ୍ବାଦଦାତାଙ୍କ ସୂଚନା ଅନୁସାରେ ପୂର୍ବରୁ ବନ୍ୟାଞ୍ଚଳ ଗସ୍ତରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସି ସମୀକ୍ଷା କରିଥିଲେ । ଦୁଇଜଣିଆ

କେନ୍ଦ୍ରୀୟ ଆନ୍ତଃମନ୍ତ୍ରଣାଳୟ ଦଳ ମଧ୍ୟ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ସବିଶେଷ ଅନୁଧ୍ୟାନ କରିଥିବା ସୂଚନା ମିଳିଛି ।

## ଜିତେନ୍ଦ୍ର - ଷ୍ଟୁଡେଣ୍ଟ

ନୂଆଦିଲ୍ଲୀରେ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଅଷ୍ଟାଦଶ ଅନ୍ତର୍ଜାତୀୟ ଆର୍ଥ ସାଇନ୍ସ ଅଲିମ୍ପିଆଡ୍-୨୦୨୫ରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଚୀନ୍‌ର ଜିନିଙ୍ଗ୍‌ଠାରେ ଗତମାସରେ ଅନୁଷ୍ଠିତ ଏହି ଅଲିମ୍ପିଆଡ୍ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ, ୨ଟି କାଂସ୍ୟ ପଦକ ହାସଲ କରିବା ସହ ଅନ୍ତର୍ଜାତୀୟ ଭୂବିଜ୍ଞାନ ଯୁବ ଆନ୍ଦୋଳନ ବର୍ଗରେ ତୃତୀୟ ସ୍ଥାନ ହାସଲ କରିଥିଲେ । ଏହି ଅବସରରେ ଡକ୍ଟର ସିଂହ ଏହି ଯୁବା ପ୍ରତିଭାଙ୍କୁ ଦେଶପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ପ୍ରଶଂସା କରିଥିଲେ । ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନୂତନ ଯୁବପିଢ଼ି ଗତ ଦଶନ୍ଧି ମଧ୍ୟରେ ଦେଶର ଟେକ ରଖିବା ସହ ଭାରତୀୟ ଷ୍ଟାର୍ଟଅପ୍ ଆନ୍ଦୋଳନରେ ନିଜର ଦକ୍ଷତା ପ୍ରତିପାଦନ କରିପାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ଦେଶର ପ୍ରତିଭାବାନ୍ ଯୁବକମାନେ ବିଭିନ୍ନ ସ୍ଥାନରେ ନିଜର ପ୍ରତିଭା ସାବ୍ୟସ୍ତ କରି

ବିଭିନ୍ନ ସ୍ତରରେ ସୁନାମ ଅର୍ଜନ କରିପାରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁଯୋଗର ସଦୁପଯୋଗ କରି ଏହି ଛାତ୍ରଛାତ୍ରୀମାନେ ବିଜ୍ଞାନ ଜ୍ୟୋତି, ଛାତ୍ରବୃତ୍ତି, ଫୋଲୋସିପ୍ ଏବଂ ଗବେଷଣା ଅନୁଦାନ ମାଧ୍ୟମରେ ଏହାର ସଦୁପଯୋଗ କରିବାପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

## ପି.ଏମ୍. - ନାରାୟଣ

ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦି ଶ୍ରୀ ନାରାୟଣ ଗୁରୁଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସମାଜ ପ୍ରତି ତାଙ୍କର ଅବଦାନ ଏବଂ ତ୍ୟାଗ ବିଷୟରେ ଶ୍ରୀ ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ସମାଜରେ ସମାନତା, ଭ୍ରାତୃଭାବ ପ୍ରତିଷ୍ଠା କରିବା ଦିଗରେ ସ୍ୱର୍ଗତ ଗୁରୁଙ୍କ ଅବଦାନ ଅବିସ୍ମରଣୀୟ । ସାମାଜ ସଂସ୍କାର ତଥା ଶିକ୍ଷାର ପ୍ରଚାର ଦିଗରେ ଶ୍ରୀ ନାରାୟଣ ଗୁରୁଙ୍କ ପ୍ରଚେଷ୍ଟା ସର୍ବଦା ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ବିହାର ଓ୍ୱିମେନ୍ସ ସ୍କିମ୍

ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନାର ଶୁଭାରମ୍ଭ କରିଛନ୍ତି । ମହିଳାମାନଙ୍କୁ ରୋଜଗାରକ୍ଷମ କରିବା ଏହି ନୂତନ ଯୋଜନାର ଲକ୍ଷ୍ୟ ରହିଛି । ଯୋଜନାକୁ ଅଧିକ ଲୋକପ୍ରିୟ କରିବାପାଇଁ ମୁଖ୍ୟମନ୍ତ୍ରୀ ପ୍ରଚାର ଅଭିଯାନର ଶୁଭାରମ୍ଭ କରିବା ସହ ଏ ସମ୍ପର୍କିତ ପୋର୍ଟାଲ ଉନ୍ମୋଚନ ହୋଇଛି । ଏହି ଯୋଜନା ଅଧୀନରେ ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ନିଜର ପସନ୍ଦ ମୁତାବକ ବ୍ୟବସାୟ କରିବାପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଯୋଗ୍ୟ ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତିରେ ଡି.ବି.ଟି. ମାଧ୍ୟମରେ ୧୦ ହଜାର ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯିବ । ବିହାର ଗ୍ରାମୀଣ ବିକାଶ ବିଭାଗ ଏହି ଯୋଜନାର ନୋଡାଲ୍ ଅଧିକାରୀ ରହିଛନ୍ତି । ଆବଶ୍ୟକ ପଡ଼ିଲେ ମହିଳାମାନଙ୍କୁ ଅତିରିକ୍ତ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି । ଏହି ଯୋଜନା ଅନ୍ତର୍ଗତ ଗ୍ରାମୀଣ ସ୍ଥାନୀୟ ବଜାର କିମ୍ବା ହାଟକୁ ବିକଶିତ କରାଯିବ ।

# ଜି.ଏସ୍.ଟି. ରିଫର୍ମସ - ଏମ୍.ଏସ୍.ଏମ୍.ଇ.

ଚଳିତ ସ୍ୱାଧୀନତା ଦିବସ ଅବସରରେ ଐତିହାସିକ ଲାଲ୍‌କିଲ୍ଲାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୀପାବଳି ସୁଦ୍ଧା ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର କାର୍ଯ୍ୟ କରିବା ନେଇ ଘୋଷଣା କରିଥିଲେ । ଗତ ବୁଧବାର ଦିନ ଅନୁଷ୍ଠିତ ଜି.ଏସ୍.ଟି. ପରିଷଦ ବୈଠକରେ ଟିକସ ହାର ହ୍ରାସ କରିବା ଏବଂ ବ୍ୟାବସାୟିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ବହୁକ୍ଷେତ୍ରୀୟ ସଂସ୍କାର କରାଯାଇଥିଲା । ସାଧାରଣ ଲୋକଙ୍କ ଜୀବନରେ ସୁବିଧା ସୁଯୋଗକୁ ଦୃଷ୍ଟିରେ ରଖି ସରକାର ଅର୍ଥନୀତି ଜି.ଏସ୍.ଟି. ପରିଷଦ କ୍ଷେତ୍ରରେ ଟିକସ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିଲା । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ - ଏମ.ଏସ୍.ଏମ୍.ଇ. କ୍ଷେତ୍ରରେ ମଧ୍ୟ ଜି.ଏସ୍.ଟି. ଟିକସ ହାରରେ ସରକାର ପରିବର୍ତ୍ତନ ଆଣିଛନ୍ତି, ଯାହାଦ୍ୱାରା ଅନେକ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହୋଇପାରିବେ । ପରିଷଦ ବୈଠକରେ ଚାରିସ୍ତରୀୟ ପରୋକ୍ଷ ଟିକସ ହାରକୁ ସରକାର ଦୁଇସ୍ତରକୁ ଆଣି ୫ ପ୍ରତିଶତ ଏବଂ ୧୮ ପ୍ରତିଶତରେ ସୀମିତ ରଖିଛନ୍ତି । ଏହି ନୂତନ ନିୟମ ଆସନ୍ତା ୨୨ ତାରିଖରୁ ଲାଗୁ ହେବାନେଇ ସୂଚନା ମିଳିଛି ।

## ଅଣ୍ଡର ସି କେବୁଲ୍ - ଇଣ୍ଟରନେଟ୍ ଡିସ୍‌ରୁପ୍‌ସନ୍

ଦକ୍ଷିଣ ଏସିଆର ଭାରତ ଏବଂ ଅନ୍ୟ କେତେକ ଦେଶର ଗଭୀର ଲୋହିତ ସାଗର ଭିତରେ ଯାଇଥିବା ଇଣ୍ଟର୍‌ନେଟ୍ କେବୁଲ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଛି । ଫଳରେ ସାଉଦି ଆରବିଆ, ପାକିସ୍ତାନ, ସଂଯୁକ୍ତ ଆରବ ଏମିରେଟ୍‌ସ୍ ତଥା ଭାରତରେ ଇଣ୍ଟରନେଟ୍ ସେବା ବ୍ୟାହତ ହୋଇଛି । ନେଟ୍‌ବ୍ଲକ୍‌ସ ସୂଚନା ଅନୁସାରେ ଇଣ୍ଟରନେଟ୍ ସେବା ଭାରତ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି । ଅନ୍ୟପକ୍ଷରେ ଭାରତୀୟ ଦୂର ସଞ୍ଚାର ବିଭାଗ କହିଛି, ଘରୋଇ ଡାଟା ନେଟ୍‌ୱାର୍କରେ ସେଭଳି ପରିସ୍ଥିତିର ସୂଚନା ନାହିଁ । ତେବେ ଏହି ସେବାକୁ ପୁନଃ ସ୍ଥାପିତ କରିବାପାଇଁ ପ୍ରଚେଷ୍ଟା ଜାରି ରହିଛି ବୋଲି ସୂଚନା ଦିଆଯାଇଛି ।

## ଜାପାନ ପି.ଏମ୍. - ରିଜାଇନ୍

ଜାପାନ ପ୍ରଧାନମନ୍ତ୍ରୀ ପଦରୁ ଶିଗେରୁ ଇଶିବା ଆଜି ଇସ୍ତଫା ଦେଇଛନ୍ତି । ବର୍ଷେରୁ କମ୍ ସମୟ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରି ନିର୍ବାଚନରେ ତାଙ୍କ ଦଳ ଲିବରାଲ୍ ଡେମୋକ୍ରାଟିକ୍ ପାର୍ଟି - ଏଲ୍.ଡି.ପି. ସଂଖ୍ୟାଗରିଷ୍ଠତା ହାସଲ କରିପାରି ନ ଥିବାରୁ ସେ ଆଜି ଇସ୍ତଫା ଦେଇଛନ୍ତି । ଶ୍ରୀ ଇଶିବା ମଧ୍

ଏଲ୍.ଡି.ପି. ଦଳର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିବା ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ଗତ ୧୫ ବର୍ଷ ମଧ୍ୟରେ ପ୍ରଥମ ଥରପାଇଁ ଏଲ୍.ଡି.ପି. ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଛି । ଶ୍ରୀ ଇଶିବା କହିଛନ୍ତି, ଆମେରିକା ସହିତ ହୋଇଥିବା ଶୁଳ୍କ ଚୁକ୍ତିନାମାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ସେ ପଦକ୍ଷେପ ଗ୍ରହଣ କରିଛନ୍ତି । ତେବେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଇଶିବା କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ ।

## ବାଂଲାଦେଶ - ପ୍ରୋଟେଷ୍ଟ

ବାଂଲାଦେଶରେ ପ୍ରତିବନ୍ଧିତ ଆୱାମି ଲିଗ୍‌ର ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଆଜି ଢାକାର ସଂସଦ ପରିସର ନିକଟରେ ଦଳମୁଖ୍ୟ ସେଖ୍ ହାସିନାଙ୍କୁ ସମର୍ଥନ କରି ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇଥିଲେ । ର୍‍ୟାଲି ମାଧ୍ୟମରେ ରାଜଧାନୀରେ ଆୱାମି ଲିଗ୍ ସମର୍ଥକଙ୍କଦ୍ୱାରା ବିରୋଧ ପ୍ରଦର୍ଶନ କରାଯାଇଥିଲା । ଗତ ଶୁକ୍ରବାର ଦିନ ପ୍ରାୟ ଏକ ହଜାର ଲୋକ ତେଜଗାଓଁଠାରେ ଏକ ର୍‍ୟାଲିରେ ସାମିଲ୍ ହୋଇଥିଲେ । ଏକ ସପ୍ତାହ ପୂର୍ବରୁ ଗୁଲିସ୍ତାନରେ ବୈତୁଲ ମୁକରମ୍ ମସ୍‌ଜିଦ୍‌ଠାରେ ଅନେକ ଲୋକ ଏକତ୍ରିତ ହୋଇଥିଲେ । ଶେଖ୍ ହାସିନା ଗତବର୍ଷ ଅଗଷ୍ଟ ୫ ତାରିଖରେ ଏକ ଜନ

ଆନ୍ଦୋଳନ ପରେ ବାଂଲାଦେଶ ଛାଡ଼ି ଚାଲିଯାଇଥିଲେ, ଯେଉଁଥିପାଇଁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା । ଅଗଷ୍ଟ ୮ ତାରିଖରେ ଏକ ଅନ୍ତରୀଣ ସରକାର ବାଂଲାଦେଶର ଦାୟିତ୍ୱ ନେଇଥିଲେ । ସେବେଠାରୁ ଆୱାମି ଲିଗ୍ ଉପରେ ପ୍ରତିବନ୍ଧକ ଲଗାଯିବା ସହ ବରିଷ୍ଠ ନେତାମାନଙ୍କୁ ଗିରଫ କରାଯାଇଥିଲା । ଗତବର୍ଷ ଜୁଲାଇ ମାସରେ ସଙ୍ଗଠିତ ବିଦ୍ରୋହ ପରେ ଶେଖ୍ ହାସିନାଙ୍କ ସମେତ ଅନ୍ୟ ବରିଷ୍ଠ ନେତାଙ୍କ ଉପରେ ଏହି ମାନବିକ ଅପରାଧପାଇଁ ଦୋଷାରୋପ କରାଯାଇଥିଲା । ଏହି ପ୍ରତିବନ୍ଧକ ପରେ ମଧ୍ୟ ଆୱାମି ଲିଗ୍‌ର କାର୍ଯ୍ୟକର୍ତ୍ତାମାନେ ଢାକା ସମେତ ଦେଶର ଅନ୍ୟାନ୍ୟ ସ୍ଥାନରେ ବିଦ୍ରୋହ ପ୍ରଦର୍ଶନ କରୁଛନ୍ତି ।

## ଚନ୍ଦ୍ରଗ୍ରହଣ

ଚଳିତ ବର୍ଷର ଅନ୍ତିମ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ଆଜି ଦୃଶ୍ୟମାନ ହେବ। ଭାରତୀୟ ସମୟ ଅନୁଯାୟୀ ରାତି ୯ଟା ୫୮ ମିନିଟ୍‌ରୁ ଗ୍ରହଣ ଆରମ୍ଭ ହୋଇ ବିଳମ୍ବିତ ରାତି ଗୋଟାଏ ୨୬ ମିନିଟ୍‌ରେ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ମତ ଦେଇଛନ୍ତି । ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି।

ରାତିରେ ଗ୍ରହଣ ସ୍ପର୍ଶ ହେବା ମାତ୍ରକେ ମହାପ୍ରଭୁମାନଙ୍କର ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗନୀତି କରାଯାଇ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହେବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ଗ୍ରହଣ ସର୍ବମୋକ୍ଷ ରାତ୍ରି ଗୋଟାଏ ୨୭ ମିନିଟ୍ ୧୭ ସେକେଣ୍ଡରେ ହେବ। ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଓ ଇନ୍ଦ୍ରହାତୀ ପ୍ରସ୍ତାବ ନୀତି ଅନୁଷ୍ଠିତ ହୋଇଯାଇଛି।

## ୱାର୍ଲ୍ଡ ଆର୍ଚେରୀ

ଦକ୍ଷିଣ କୋରିଆର ଗ୍ୱାଙ୍ଗ୍‌ଜୁଠାରେ ଅନୁଷ୍ଠିତ ବିଶ୍ୱ ତୀରଚାଳନା ପ୍ରତିଯୋଗିତାରେ ଭାରତ ପୁରୁଷ ବର୍ଗରେ ପ୍ରଥମ ସ୍ୱର୍ଣ୍ଣପଦକ ହାସଲ କରିଛି । ଫ୍ରାନ୍‌ସକୁ ୨୩୫-୨୩୩ରେ ପରାସ୍ତ କରି ଭାରତ ଏହି ସଫଳତା ହାସଲ କରିଛି । ପୂର୍ବରୁ ଭାରତର ଜ୍ୟୋତି ସୁରେଖା ଭେନମ୍ ଏବଂ ରିଶଭ ଯାଦବ ଯୋଡ଼ି ନେଦରଲ୍ୟାଣ୍ଡସ୍‌ଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛି । ଭାରତର ୨୩ ବର୍ଷୀୟ ରିଶଭ୍' ଅମନ ସାଇନି ଏବଂ ପ୍ରଥମେଶ ଫ୍ୟୁଜଙ୍କ ଦଳରେ ଲଢୁଆ ଖେଳ ପ୍ରଦର୍ଶନ କରି ସ୍ୱର୍ଣ୍ଣପଦକ ବିଜୟୀରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ।

# ଏସିଆ କପ୍ ହକି

ପୁରୁଷ ଏସିଆ କପ୍ ହକି ଚମ୍ପିଆନ୍‌ସିପ୍‌ର ଟାଇଟଲ ହାସଲ ପାଇଁ ବିହାରର ରାଜଗିରିଠାରେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଆଉ କିଛି ସମୟ ପରେ ଫାଇନାଲ ମ୍ୟାଚ୍ ଖେଳାଯିବ । ପୂର୍ବରୁ ୩ଥର ଏସିଆ କପ୍ ଟାଇଟଲ ହାସଲ କରିଥିବା ଭାରତୀୟ ଦଳ ଏବଂ ପୂର୍ବତନ ଚମ୍ପିଆନ ଦକ୍ଷିଣ କୋରିଆ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ହେବ ବୋଲି ଆଶା କରାଯାଉଛି । ଚଳିତ ଏସିଆ କପ୍ ହକି ଚମ୍ପିଆନ୍‌ସିପ୍ ପ୍ରତିଯୋଗିତାରେ ଭାରତୀୟ ଦଳ ଏପର୍ଯ୍ୟନ୍ତ ଅପରାଜେୟ ରହିଛି । ଆଜିର ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ହକି ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ନିଜର ସ୍ଥାନ ପକ୍କା କରିବ ।

ଆଜି ଅପରାହ୍ଣରେ ପ୍ରତିଯୋଗିତାରେ ଏକ ଲିଗ୍ ମ୍ୟାଚ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଜାପାନ’ ବାଂଲାଦେଶକୁ ୬-୧ରେ ପରାସ୍ତ କରି ପଞ୍ଚମ ସ୍ଥାନ ହାସଲ କରିଛି ।

*****